# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**05th August - 2024**

**News Editor : *Itishree Singh Rathuar***

************************************

## ମୁଖ୍ୟ ସମ୍ବାଦ

- ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ; ଜନ ଅଭିଯୋଗର କଲେ ଶୁଣାଣି ।

- ରାଜ୍ୟର ୬ଟି ବିମାନ ବନ୍ଦରର ନବୀକରଣ କରାଯାଉଥିବା ନେଇ ରାଜ୍ୟସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ ।

- ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଅନୁମୋଦନ ଲାଭ କଲା ରତ୍ନଭଣ୍ଡାର ମରାମତି ନେଇ ମାର୍ଗଦର୍ଶିକା ।

ଏବଂ

- ମୌସୁମୀର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ପ୍ରବଳ ବର୍ଷା ହେବାନେଇ ୧୬ଟି ଜିଲ୍ଲାପାଇଁ ସତର୍କ ସୂଚନା ।

*Desk*

# ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗଗୁଡ଼ିକର ଶୁଣାଣି କରିଛନ୍ତି । ଏହାପରେ ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ସିଧାସଳଖ ଲୋକଙ୍କ ଅଭିଯୋଗ ସମ୍ପର୍କରେ ଆଲୋଚନା କରିବା ସହ ସମସ୍ୟାର ତୁରନ୍ତ ସମାଧାନ କରାଯାଇଛି । ପ୍ରତ୍ୟେକଟି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରିବା ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସୂଚନା ଅନୁସାରେ, ଆଜି ଶୁଣାଣି ପାଇଁ ୨ ହଜାର ୪୦୩ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା । ଏହି ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ ।

*Desk*

# ରାଜ୍ୟସଭା - ଉଡ଼ାନ୍ ଯୋଜନା

କେନ୍ଦ୍ର ସରକାରଙ୍କ ଉଡ଼ାନ୍ ଯୋଜନାରେ ରାଜ୍ୟର ୬ଟି ବିମାନ ବନ୍ଦରର ନବୀକରଣ କାର୍ଯ୍ୟ କରାଯାଉଛି । ଆଜି ରାଜ୍ୟସଭାରେ ସାଂସଦ ନିରଞ୍ଜନ ବିଶି ଏବଂ ମୁଜିବୁଲ୍ଲା ଖାଁଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ବେସାମରିକ

ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି, ଓଡ଼ିଶାର ଉତ୍‌କେଲା ସମେତ ଝାରସୁଗୁଡ଼ା, ରାଉରାକଲା, ରଙ୍ଗେଇଲୁଣ୍ଡା, ଅମର୍ଦ୍ଦା ଏବଂ ରାଇରଙ୍ଗପୁର ବିମାନ ବନ୍ଦରର ନବୀକରଣ କାର୍ଯ୍ୟ କରାଯାଉଛି । ରାଉରକେଲା ବିମାନ ବନ୍ଦରର ବିକାଶ ନିମନ୍ତେ ୫୭ କୋଟି ୬୦ ଲକ୍ଷ ଟଙ୍କା ଓ ଉତ୍‌କେଲା ବିମାନ ବନ୍ଦରର ବିକାଶ ନିମନ୍ତେ ୫୬ କୋଟି ୩୨ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି ।

***RS***

# କୋଇଲା ରୟାଲ୍‌ଟି

କୋଇଲା ରୟାଲ୍‌ଟି ବାବଦକୁ ଓଡ଼ିଶାକୁ ୨୦୨୩-୨୪ ଆର୍ଥିକ ବର୍ଷରେ ୩ ହଜାର ୮୮୧ କୋଟି ଅଣାଅଶୀ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଆଜି ରାଜ୍ୟସଭାରେ କୋଇଲା ରୟାଲିଟି ସମ୍ପର୍କିତ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ପ୍ରଶ୍ନର ଉତ୍ତରରେ କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି, ପଶ୍ଚିମବଙ୍ଗ ବ୍ୟତୀତ ସମସ୍ତ ରାଜ୍ୟରେ ୧୪ ପ୍ରତିଶତ ହାରରେ କୋଇଲା ରୟାଲ୍‌ଟି ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, କେନ୍ଦ୍ର ସରକାର ତିନି ବର୍ଷରେ ଥରେ କୋଇଲା ରୟାଲ୍‌ଟି ବୃଦ୍ଧି କରିବା ନେଇ ବ୍ୟବସ୍ଥା ରହିଛି ।

*RS*

# ମହିଳା କତାଶିଳ୍ପ ତାଲିମ

ମହିଳା କତାଶିଳ୍ପ ଯୋଜନାରେ ଗତ ୫ ବର୍ଷ ମଧ୍ୟରେ ୨୬ଟି କତାଶିଳ୍ପ ୟୁନିଟ୍‌କୁ ପ୍ରଶିକ୍ଷଣ ଦିଆଯାଇଛି । ଆଜି ରାଜ୍ୟସଭାରେ ସାସଂଦ ସୁଲତା ଦେଓ ଓ ଦେବାଶୀଷ ସାମନ୍ତରାୟଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୨ ହଜାର ୪୪୦ ଜଣ ମହିଳା ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ୨୦୧୪-୧୫ ଆର୍ଥିକ ବର୍ଷରେ ସର୍ବାଧିକ ୭୨୦ ଜଣ ମହିଳାଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଥିବାବେଳେ ୨୦୨୩-୨୪ରେ ୨୦୦ ଜଣ ଏହି ତାଲିମ୍ ପାଇଛନ୍ତି ।

*HS*

# ପି.ଏମ୍. - ବି.ଜେ.ପି. ସାଂସଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଜି ଓଡ଼ିଶାର ବି.ଜେ.ପି. ସାଂସଦମାନେ ସାକ୍ଷାତ୍ କରିଛନ୍ତି । ରାଜ୍ୟରୁ ନିର୍ବାଚିତ ହୋଇଥିବା ୨୦ ଜଣ ବି.ଜେ.ପି. ସାସଂଦ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଭେଟି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଜଣାପଡ଼ିଛି ।

*Desk*

# ପ୍ୟାରିସ ଅଲିମ୍ପିକ୍ସ - ଡାକଟିକଟ

କେନ୍ଦ୍ର ସରକାର ପ୍ୟାରିସ୍ ଅଲମ୍ପିକ୍ସ ଉପରେ ଏକ ସ୍ମାରକୀ ଡାକଟିକଟ ଜାରି କରିଛନ୍ତି । କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏବଂ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହି ଡାକଟିକଟ ଉନ୍ମୋଚନ କରିଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ଙ୍କ ପ୍ରତି ଭାରତର ଉତ୍ସାହ ଏବଂ ସମର୍ଥନ ପ୍ରତୀକ ସ୍ୱରୂପ ଏହି ଅଲମ୍ପିକ ଡାକଟିକଟ ପ୍ରଚଳନ କରାଯାଇଛି ।

*HS*

# ଶ୍ରୀମନ୍ଦିର ପରିଚାଳନା ବୈଠକ

ପୁରୀରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଛି। ବୈଠକରେ ରତ୍ନଭଣ୍ଡାର ମରାମତି ସମ୍ପର୍କିତ ମାର୍ଗଦର୍ଶିକା ଅନୁମୋଦନ ଲାଭ କରିଥିବା ସୂଚନା ମିଳିଛି । ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଏହାକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ । ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ଭୂ-ସମ୍ପତ୍ତି ପରିଚାଳନା ଅଧିନିୟମ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି । ଏହାସହ ଶ୍ରୀମନ୍ଦିର ଜମିକୁ ଜବରଦଖଲ ମୁକ୍ତ କରିବା, ସରକାରୀ ସ୍ୱୀକୃତ ସଂସ୍ଥା ଦ୍ୱାରା

ଶ୍ରୀମନ୍ଦିରରେ ନିଯୁକ୍ତି ପ୍ରଦାନ, ଶ୍ରୀମନ୍ଦିର ଥାନା ପାଇଁ ଜମି ଏବଂ ଭିତ୍ତିଭୂମି ଯୋଗାଇ ଦେବାପାଇଁ ସରକାରଙ୍କୁ ପ୍ରସ୍ତାବ, ଅର୍ପଣ ରଥରେ ଚାଉଳ ସଂଗ୍ରହ, ଅଭଡ଼ା ଯୋଜନାରେ ଇ-ବସ୍ ସେବା ଆରମ୍ଭ ଆଦି ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

***Desk***

# ପୁଲିସ ମହାନିର୍ଦ୍ଦେଶକ ପଦବୀ

ରାଜ୍ୟ ସରକାର ପୁଲିସ ମହାନିର୍ଦ୍ଦେଶକ ପଦବୀ ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିନିମନ୍ତେ ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଏ.କେ.ରାୟ, ୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଏସ୍.ଏମ୍.ନରୱଣେ ଏବଂ ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ୱାଇ.ବି.ଖୁରାନିୟା ତାଲିକାରେ ରହିଛନ୍ତି। ଏହି ତିନି ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ପୂର୍ଣ୍ଣାଙ୍ଗ ବାୟୋଡାଟା ପ୍ରଦାନ ପାଇଁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତି ଆୟୋଗ ବୈଠକରେ ଯୋଗଦେଇ ଫେରିବା ପରେ ସୂଚନା ଦେଇଥିଲେ, ଦିଲ୍ଲୀରେ କାର୍ଯ୍ୟରତ ଓଡ଼ିଆ ଅଧିକାରୀମାନଙ୍କ ସହ ସେ ବୈଠକ କରି ଟିମ୍ ଓଡ଼ିଶା ଗଠନ କରି ରାଜ୍ୟର ଉନ୍ନତି ନିମନ୍ତେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ।

*IPR*

## ଓଡ଼ିଶା ହାକାଥନ

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ବୈଷୟିକ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ସ୍ମାର୍ଟ ଓଡ଼ିଶା ହାକାଥନ ୨.୦ ଆୟୋଜିତ ହେଉଛି । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ, ପ୍ରାଥମିକ ଭାବେ ୨ ହଜାର ୬୭୧ଟି ମତାମତ ମଧ୍ୟରୁ ୮୩୮ଟି ବିଚାରଧାରାକୁ ମନୋନୀତ କରାଯାଇଛି । ଛାତ୍ରଛାତ୍ରୀମାନେ ଚୟନ ହୋଇଥିବା ବିଷୟରେ ପ୍ରକଳ୍ପ ପ୍ରସ୍ତୁତ କରିବେ । ପ୍ରତି ଜିଲ୍ଲାରୁ ୩ଟି ଲେଖାଏଁ ବିଚାରଧାରାକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯିବ । ରାଜ୍ୟ ସ୍ତରରେ ତିନୋଟି ସର୍ବଶ୍ରେଷ୍ଠ ଦଳକୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜଣାପଡ଼ିଛି ।

*HS*

## ଓ.ଏ.ଏସ୍. ଅଫିସର

ରାଜ୍ୟ ସରକାର ଆଜି ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ମୋଟ ୨୬ଜଣ ଅଧିକାରୀଙ୍କ ବଦଳି ହୋଇଛି ।

*Gajapati/R*

# ଡେଙ୍ଗୁ ସଚେତନତା

ଗଜପତି ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେବାପରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବିଶେଷକରି ଜିଲ୍ଲାର ଜିରାଙ୍ଗ, ଝାଲିଆସାହି, କାଇଁପୁର, ଗଣ୍ଡାହାତୀ ଓ ଖଜୁରିପଦା ଗ୍ରାମରୁ ୯ ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳ ସ୍ତରରେ ମ୍ୟାଲେରିଆ, ଡେଙ୍ଗୁ ଏବଂ ହଇଜା ରୋଗ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି । ବିଭିନ୍ନ ସ୍ଥାନରେ ନମୁନା ସଂଗ୍ରହ ସହ ପଥପ୍ରାନ୍ତ ଦାସକାଠିଆ ନାଚ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଜିଲ୍ଲାର ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଅଧୀକ୍ଷକ ଡାକ୍ତର ପତିତପାବନ ବାରିକଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

*Deogarh/R*

# ଦକ୍ଷତା କୌଶଳ

ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଦେବଗଡ଼ ଜିଲ୍ଲାରେ ଆସନ୍ତା ୧୧ରୁ ୧୫ ତାରିଖ ଯାଏଁ କୌଶଳ ରଥ ପରିକ୍ରମା କରିବ । ଏନେଇ ଆଜି ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନିକଟରେ ଯେଉଁଭଳି କୌଶଳ ରଥ ପହଞ୍ଚିପାରିବ, ସେନେଇ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି । ସୂଚନା ଅନୁଯାୟୀ, କୌଶଳ ରଥ ପ୍ରତ୍ୟେକ ଦିନ ୪ଟି ଲେଖାଏଁ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିବା ନେଇ ଯୋଜନା କରାଯାଇଛି ।

***Deogarh, Korapu. Kendrapara, Sonepur, Kalahandi, Gajapati, Boudh, Jharsuguda, Nayagarh/R***

## ଜନଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକମାନଙ୍କ ଅଭିଯୋଗ ସମାଧାନ ନିମନ୍ତେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୧୯ଟି ଅଭିଯୋଗର ଶୁଣାଣି ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଅଭିଯୋଗର ଶୁଣାଣି କରି ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍ ଡଙ୍ଗରଚିଚି ପଞ୍ଚାୟତଠାରେ ଅନୁଷ୍ଠିତ ଶିବିରରେ ୪ଟି ଅଭିଯୋଗର ଶୁଣାଣି ହୋଇଥିବା ଜଣାପଡ଼ିଛି ।

କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୧୪୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିରୁ ୬୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ ନିମନ୍ତେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ

ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୬ ଜଣ ଆବେଦନକାରୀଙ୍କୁ ଚିକିତ୍ସା ସହାୟତା ଏବଂ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ଉଚ୍ଚ ଶିକ୍ଷା ବାବଦ ସହାୟତା ଯୋଗାଇ ଦିଆଯାଇଛି ।

ସେହିଭଳି ସୁବର୍ଣ୍ଣପୁର ଜିଲ୍ଲାରେ ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ହୋଇଯାଇଛି । ଏଥିରେ ୫୦ଟି ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକୃତ ହୋଇଥିଲା ।

ଭବାନୀପାଟଣାଠାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୨୨୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୧୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି । ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୩ ଜଣଙ୍କୁ ଏବଂ ରେଡ୍‌କ୍ରସ୍ ପାଣ୍ଠିରୁ ୨ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି ।

ସେହିପରି ଗଜପତିରେ ୧୧୮ଟି ଅଭିଯୋଗ ମଧ୍ୟରୁ ୧୧ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିବାବେଳେ ବୌଦ୍ଧ ଜିଲ୍ଲାରେ ୪ଟି, ଝାରସୁଗୁଡ଼ାରେ ୭୧ଟି ଏବଂ ନୟାଗଡ଼ରେ ୧୫୦ଟି ଅଭିଯୋଗ ମଧ୍ୟରୁ ୧୩ଟିର ତତ୍କାଳ ଶୁଣାଣି କରାଯାଇଥିଲା ।

***Desk***

# ପାଣିପାଗ

ରାଜ୍ୟରେ ସକ୍ରିୟ ମୌସୁମୀର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତାକାଲି ସୁଦ୍ଧା ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୬ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାର ନୀଳଗିରିରେ ସର୍ବାଧିକ ୯୩ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି ।

ଅପରପକ୍ଷରେ ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୫୪୬.୮ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି। ଏହା ସ୍ୱାଭାବିକ୍ ବର୍ଷା ତୁଳନାରେ ୧୧ ପ୍ରତିଶତ କମ୍ ରହିଛି ।

*****